# ଓଡିଶା ସୂଚନା କମିଶନ୍ – ଭଲକରି ଚିହ୍ନିରଖ ଦୁଇଭ୍ରାତାଙ୍କ ବଦନ

## କମିଶନ୍‌ଙ୍କ ଠାରୁ ଆଶା କ'ଣ ଥିଲା ?

ସୂଚନା ଅଧିକାରରୁ ବଞ୍ଚିତ ହେଉଥିବା ନାଗରିକମାନଙ୍କୁ ନ୍ୟାୟ ଦେବାପାଇଁ କେନ୍ଦ୍ର ଓ ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ଗଲା ୨୦ ନଭେମ୍ବର ୨୦୦୫ ଠାରୁ ଏକ ସୂଚନା କମିଶନ୍ କାର୍ଯ୍ୟ କରିଆସୁଛି, ଏବଂ ୨ଜଣ ପ୍ରାକ୍ତନ ସରକାରୀ ଅଧିକାରୀ ଏଥିରେ କମିଶନର୍ ଭାବେ ଅବସ୍ଥାପିତ ହୋଇ ସେବେଠାରୁ ଜଣପିଛା ପ୍ରାୟ ୮୦ହଜାର ଟଙ୍କାର ମାସିକ ବେତନ ଛଡା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାସୁଯୋଗ (ଯଥା- ବଙ୍ଗଳା, ଫୋନ୍, ଗାଡି, ପିଅନ୍ ଇତ୍ୟାଦି) ଉପଭୋଗ କରି ଆସୁଛନ୍ତି । ସମସ୍ତେ ଜାଣିଛନ୍ତି, ଏହି କମିଶନରମାନଙ୍କ କର୍ତ୍ତବ୍ୟ ଓ କ୍ଷମତା ସମ୍ବନ୍ଧରେ ସୂ.ଅ.ଆଇନ୍‌ର ପଞ୍ଚମ ଅଧ୍ୟାୟରେ ବିଶଦ୍ ଓ ସୁସ୍ପଷ୍ଟ ବର୍ଣ୍ଣନା ଦିଆଯାଇଛି । ଏହା ଅଧୀନସ୍ଥ ଧାରା ୧୮ ଅନୁଯାୟୀ ସେମାନେ ଆଇନ୍‌ର ଉଲ୍ଲଂଘନ ଘଟାଉଥିବା ଜନକର୍ତ୍ତୃପକ୍ଷ ଓ ଅଧିକାରୀମାନଙ୍କ ବିରୁଦ୍ଧରେ ବ୍ୟଥିତ ନାଗରିକମାନଙ୍କ ଠାରୁ ପ୍ରତ୍ୟକ୍ଷ ଅଭିଯୋଗ ଗ୍ରହଣ କରି ଗୋଟିଏ ସିଭିଲ୍ କୋର୍ଟ ପଦ୍ଧତିରେ ସେଗୁଡିକର ତଦନ୍ତ କରାଇବେ, ଏବଂ ଧାରା ୧୯ ଅନୁଯାୟୀ ଦ୍ୱିତୀୟ ଓ ଶେଷ ଅପିଲ୍‌ର ଶୁଣାଣି କରିବେ ଏବଂ ଆବଶ୍ୟକସ୍ଥଳେ ସଂପୃକ୍ତ ଉଲ୍ଲଂଘନକାରୀ ଜନକର୍ତ୍ତୃପକ୍ଷଙ୍କ ଠାରୁ ସୂଚନାରୁ ବଞ୍ଚିତ ନାଗରିକମାନଙ୍କ ପାଇଁ କ୍ଷତିଭରଣା ଆଦାୟ କରାଇବେ ତଥା ଧାରା ୨୦ ଅନୁଯାୟୀ ସ୍ଥଳବିଶେଷରେ ଦୋଷୀ ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ଜୋରିମାନା ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଘୋଷଣା କରିବେ । ଏହାହିଁ ସଂକ୍ଷେପରେ ସୂଚନା କମିଶନ୍‌ଙ୍କ ମୁଖ୍ୟ ଦାୟିତ୍ୱ, ଯାହାର ସମ୍ପାଦନ ସହିତ ଆଉ କେତେକ ଆନୁଷଙ୍ଗିକ ଦାୟିତ୍ୱ ତାଙ୍କ ଉପରେ ଆଇନ୍‌ର ଧାରା ୨୫ ଦ୍ୱାରା ନ୍ୟସ୍ତ କରାଯାଇଛି, ଯଥା- ଜନକର୍ତ୍ତୃପକ୍ଷମାନଙ୍କ ଠାରୁ ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ତଥ୍ୟମାନ ସଂଗ୍ରହ କରି ସେଗୁଡିକର ଏକ ସଂକଳିତ ବିବରଣୀ ପ୍ରତିବର୍ଷ ଶେଷରେ ସଂପୃକ୍ତ ସରକାରଙ୍କୁ ପ୍ରତିନିଧି ସଭାରେ ଉପସ୍ଥାପନ ପାଇଁ ପ୍ରଦାନ କରିବେ, ତଥା ଯେଉଁସବୁ କ୍ଷେତ୍ରରେ ଜନକର୍ତ୍ତୃପକ୍ଷମାନେ ଆଇନ୍‌ର ଭାଷା ଓ ଭାବକୁ ଆଘାତ ପହୁଞ୍ଚାଇଲା ଭଳି ଆଚରଣ କରିଥିବେ, ତହିଁର ସଂସ୍କାର ପାଇଁ ସଂଶୋଧନ ପ୍ରସ୍ତାବମାନ ସୁପାରିଶ୍ କରିବେ । ***ଏବଂ ସର୍ବୋପରି ଗୋଟିଏ କର୍ତ୍ତୃପକ୍ଷ ଯେତେ କ୍ଷମତାଶାଳୀ ହୋଇଥାଆନ୍ତୁ ନା କାହିଁକି, କମିଶନ୍ କାହାରି ପ୍ରଭାବ-ବଳୟର ବଶବର୍ତ୍ତୀ ନହୋଇ ନିଜେ ସ୍ୱୟଂଚାଳିତ ଓ ନିରପେକ୍ଷ ଢଙ୍ଗରେ ନିଜର କର୍ତ୍ତବ୍ୟ ସଂପାଦନ ଏବଂ କ୍ଷମତା ପ୍ରୟୋଗ କରିଚାଲିବେ (ଧାରା ୧୫-୪) ।***

## କିନ୍ତୁ କମିଶନ୍ କରିଛନ୍ତି କ'ଣ ?

କିନ୍ତୁ ବିଡମ୍ବନାର ବିଷୟ, ଗତବର୍ଷକ ଭିତରେ ରାଜ୍ୟ ସୂଚନା କମିଶନ୍ ଆଇନ୍-ଦ୍ୱାରା ନ୍ୟସ୍ତ ହୋଇଥିବା ଏହିସବୁ କାର୍ଯ୍ୟାବଳୀ ଭିତରୁ କୌଣସି ଗୋଟିଏ ସୁଦ୍ଧା କାର୍ଯ୍ୟକୁ ଆଇନ୍‌ସଂଗତ ଢଙ୍ଗରେ ସମ୍ପାଦନ କରିଥିବାର ଠୋସ୍ ପ୍ରମାଣ ନାହିଁ, ବରଂ ଅନ୍ୟପକ୍ଷରେ କମିଶନ୍‌ଙ୍କର ଯାହାସବୁ କରିବା କଥା ନୁହେଁ, ସେସବୁ କାମରେ ନିଜର ସମୟ, ଶକ୍ତି ଓ ଅର୍ଥ ଅପଚୟ କରି ଚାଲିଛନ୍ତି । ଯଥା- ଆଇନ୍‌ର ଧାରା ୨୬ ଅନୁଯାୟୀ ସରକାର ନିଜେ ସୂଚନା ଅଧିକାର ଆଇନ୍‌ର ପରିପ୍ରସାର ସ୍ୱାର୍ଥରେ ଜନସାଧାରଣଙ୍କୁ ଜଡିତ କରି ସମସ୍ତ ପ୍ରକାର ପ୍ରଚାରାତ୍ମକ ପଦକ୍ଷେପ ଗ୍ରହଣ କରିବା କଥା, ଯାହାକୁ କମିଶନ୍ ତଦାରଖ କରିପାରନ୍ତି । କିନ୍ତୁ ବର୍ତ୍ତମାନ ଦେଖାଯାଉଛି, କମିଶନ୍ ସରକାରଙ୍କ ଠାରୁ ଗୋପନରେ କିଛି ଅର୍ଥ ଆଣି ନିଜେ ଏକ କୁଜି ଅନୁଦାନ-ବିତରକ ସଂସ୍ଥାରେ ପରିଣତ ହୋଇଯାଇଛନ୍ତି ଓ ମନମୁଖୀ ଢଙ୍ଗରେ ନିଜର କେତେକ ବୋଲକରା ବେସରକାରୀ ସଂସ୍ଥାକୁ ସେହି ଅର୍ଥରାଶିରୁ କିଛିକିଛି ବାଣ୍ଟି ସେମାନଙ୍କ ଦ୍ୱାରା ଆୟୋଜିତ ସଭାସମିତିକୁ ନିଜେ ଆଡମ୍ବର ସହକାରେ ଉଦ୍‌ଘାଟନ ଓ ଉଦ୍‌ବୋଧନ କରୁଛନ୍ତି । **ଯଦି କମିଶନ୍ ତାଙ୍କର ଏ ପ୍ରକାର ଭୂମିକାକୁ ଆଇନ୍‌ସଂଗତ ବୋଲି ମନେ କରୁଥାଆନ୍ତେ, ତେବେ ସେ ସରକାରଙ୍କ ଠାରୁ କେତେଟଙ୍କା ପାଇଛନ୍ତି ଓ ନିଜ ୱେବ୍‌ସାଇଟ୍ (www.orissasoochanacommission.nic.in)ରେ ସୂଚିତ ହୋଇଥିବା ଏ ପ୍ରକାର ପ୍ରତି କାର୍ଯ୍ୟକ୍ରମ ପିଛା କେଉଁ ସଂସ୍ଥାକୁ କେତେଟଙ୍କା ଦେଇଛନ୍ତି, ଏବଂ କେଉଁ ମାନଦଣ୍ଡ ଓ ପଦ୍ଧତିକୁ ଆଧାର କରି ସେହିସବୁ ସଂସ୍ଥାକୁ ଚୟନ କରିଛନ୍ତି, ତଥା ପ୍ରତି କାର୍ଯ୍ୟକ୍ରମର ଫଳାଫଳ କ'ଣ ହୋଇଛି, ତହିଁର ସବିଶେଷ ତଥ୍ୟ ଅନ୍ତତଃ ଆଇନ୍‌ର ଧାରା ୪(୧ବି) ଅନୁଯାୟୀ ନିଜ ତରଫରୁ ସ୍ୱୟଂଚାଳିତ ଭାବେ ଘୋଷଣା କରିଥାନ୍ତେ !** କହିବା ନିଷ୍ପ୍ରୟୋଜନ ଯେ, ଆଇନ୍‌ର ଧାରା ୨(ଏଚ୍) ଅନୁଯାୟୀ, ରାଜ୍ୟ ସୂଚନା କମିଶନ୍ ନିଜେ ଗୋଟିଏ ଜନ କର୍ତ୍ତୃପକ୍ଷ (Public authority), ଯେ କି ଧାରା ୪(୧ବି)ର ଅନୁପାଳନ କରି କେଉଁ ସୂତ୍ରରୁ କେତେ ଟଙ୍କା ପାଇଛନ୍ତି, କିଏ କେତେ ବେତନ ଓ ଅନ୍ୟାନ୍ୟ ଭତ୍ତାଜାତୀୟ ପ୍ରାପ୍ୟ ପାଉଛନ୍ତି, କେତେ ଅର୍ଥ କେଉଁ ଉଦ୍ଦେଶ୍ୟରେ କାହାକୁ ବିତରଣ କରିଛନ୍ତି ଓ କେଉଁ ମାପକାଠି ଅବଲମ୍ବନରେ ନିଜର ହିତାଧିକାରୀ ଚୟନ କରିଛନ୍ତି, ଇତ୍ୟାଦି ବିଷୟରେ ବିଶଦ୍ ଏବଂ ସ୍ୱଚ୍ଛ ସୂଚନା ନିଜ ୱେବ୍‌ସାଇଟ୍‌ରେ ଓ ଅନ୍ୟ ପ୍ରସାର ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ପାଇଁ ଘୋଷଣା କରିବା ଅବଶ୍ୟ ଜରୁରୀ , ଯାହାକି କେନ୍ଦ୍ରୀୟ ସୂଚନା କମିଶନ୍ ନିଜର ପ୍ରତିଷ୍ଠା ପରଠାରୁ କରିସାରିଛନ୍ତି (ଦ୍ରଷ୍ଟବ୍ୟ- http://cic.nic.in) । ଯେଉଁ ରାଜ୍ୟ କମିଶନ୍ ଗଲା ପ୍ରାୟ ବର୍ଷକ ଭିତରେ ନିଜେ ସୁତୁରା ରହି ପାରିନାହାନ୍ତି, ସେ ଅନ୍ୟମାନଙ୍କର ମଇଳା ପରିଷ୍କାର କରିବେ କେମିତି ? ଏହି ଲେଖକର ପ୍ରତ୍ୟକ୍ଷ ସମାଲୋଚନା ସମେତ ବହୁ ମହଲରୁ ଗୁଞ୍ଜରଣ ହେବା ଯୋଗୁଁ ନିଜ ପତିଷ୍ଠାର ପ୍ରାୟ ଦୀର୍ଘ ୧୦ ମାସ ପରେ, ଏଇ ନିକଟରେ ଅର୍ଥାତ୍ ଗଲା ଅକ୍ଟୋବର ପ୍ରଥମ ସପ୍ତାହରେ ରାଜ୍ୟ କମିଶନ୍ ନିଜେ ଫଇସଲା କରିଥିବା କେତେକ ଅଭିଯୋଗ ଓ ଅପିଲ୍‌ର ନିଷ୍ପତ୍ତି ଘୋଷଣା କରିଛନ୍ତି, ଯେଉଁଗୁଡିକ ଭିତରୁ ଅଧିକାଂଶ ହେଉଛି ଗୁରୁଚଣ୍ଡାଳ ଦୋଷରେ ଗୁରୁତରଭାବେ ଆକ୍ରାନ୍ତ । ସେ ବିଷୟରେ ଆଲୋଚନାକୁ ଓହ୍ଲେଇବା ପୂର୍ବରୁ ଏଠାରେ ରାଜ୍ୟ କମିଶନ୍‌ଙ୍କ ଦ୍ୱାରା ଆଚରିତ ହୋଇଥିବା ଏକ ଗର୍ହିତ ଏବଂ କୁତ୍ସିତ ପରମ୍ପରା ସମ୍ବନ୍ଧରେ ସୂଚନା ଦେବା ନିହାତି ଆବଶ୍ୟକ । ତାହାହେଲା, କମିଶନ୍‌ଙ୍କ ୱେବ୍‌ସାଇଟ୍‌ର ଫଟୋ ଗ୍ୟାଲେରିରେ ଦୁଇଜଣ କମିଶନର୍ ନିଜନିଜ ସ୍ୱାମୀମାନଙ୍କ ସହ ଏକାଧିକ, ବୃହଦାକାର ଯୁଗଳ ଛବିକୁ ସ୍ଥାନିତ କରିବା, ଯହିଁର ଦୃଷ୍ଟାନ୍ତ କେନ୍ଦ୍ରୀୟ କମିଶନ୍ କିମ୍ବା ଅନ୍ୟ କୌଣସି ରାଜ୍ୟକମିଶନ୍‌ଙ୍କ ୱେବ୍‌ସାଇଟ୍‌ରେ ଦେଖିବାକୁ ମିଳିବନି । ଆହୁରି ଏକ ହାସ୍ୟାସ୍ପଦ, ଦୃଷ୍ଟିକଟୁ ଓ ଉଦ୍ଭଟ ଦୃଶ୍ୟପଟ ସେହି ଫଟୋଗ୍ୟାଲେରିରେ ଦେଖିବାକୁ ମିଳିବ, ଫଟୋର ଶୀର୍ଷକ ଦିଆଯାଇଛି 'ଗଞ୍ଜାମ କର୍ମଶାଳା', କିନ୍ତୁ ତା' ତଳେ ଅଛି କମିଶନର୍ ଶ୍ରୀ

ରାଧାମୋହନ ଓ ତାଙ୍କ ସ୍ତ୍ରୀଙ୍କ ଯୁଗଳଚିତ୍ର; ପୁଣି ଶୀର୍ଷକ ଦିଆଯାଇଛି, 'କଟକ କର୍ମଶାଳା', କିନ୍ତୁ ତା' ତଳେ ଶୋଭା ପାଉଛି କମିଶନର୍ ଓ ତାଙ୍କ ସ୍ତ୍ରୀ ଏବଂ ମୁଖ୍ୟ କମିଶନର୍ ଶ୍ରୀ ଡି.ଏନ୍. ପାଢ଼ୀ ଓ ତାଙ୍କ ସ୍ତ୍ରୀଙ୍କର ଦୁଇଟି ଲଗାଲଗି ଯୁଗଳ ଚିତ୍ର । ଇଲେକ୍ଟ୍ରନିକସ୍‌ରେ ବିଶେଷଜ୍ଞାନ ଲାଭ କରିଥିବା ଶ୍ରୀ ପାଢ଼ୀ ଓ ଦୀର୍ଘକାଳ ଧରି ଶିକ୍ଷକତା କରିଥିବା ଶ୍ରୀ ରାଧାମୋହନ ନିଜେ ଥାଉଥାଉ କମିଶନ୍‌ଙ୍କ ୱେବ୍‌ସାଇଟ୍‌ର ଏଭଳିଆ ଅଭାବନୀୟ, ଉଦ୍ଭଟ ବିକୃତି ସ୍ଥାନିତ ହେଲା କିପରି ? ସର୍ବୋପରି ଦୁଇ କମିଶନର୍‌ଙ୍କ ସସ୍ତ୍ରୀକ ଯୁଗଳ ଫଟୋ ବାରମ୍ବାର ଦେଖିଲାପରେ ଜଣେ ସାଧାରଣ ବ୍ୟକ୍ତି ଭ୍ରମରେ ପଡ଼ିପାରେ, ଏହା କମିଶନର୍ ଦ୍ୱୟଙ୍କ 'ଫାମିଲି ଆଲବମ୍' ନୁହେଁ ତ ?

**ଅଜ୍ଞତା ନା ଅପାରଗତା ?**

ବର୍ତ୍ତମାନ କମିଶନ୍‌ଙ୍କ ସଦ୍ୟ-ପ୍ରକାଶିତ ରାୟଗୁଡ଼ିକ ଉପରେ କେବଳ ଟିକେ ଆଖିବୁଲେଇ ଆଣିଲେ ଆମେ ଜାଣିପାରିବା ଯେ, ରାଜ୍ୟ କମିଶନ୍ କିଭଳି ଐତିହାସିକ ସୂଚନା ଅଧିକାର ଆଇନ୍‌ର ଉଭୟ ଭାବ ଓ ଭାଷାକୁ ନଗ୍ନଭାବେ ଅପହତ୍ୟା କରିଛନ୍ତି । **ପ୍ରଥମତଃ** ସମସ୍ତେ ଜାଣନ୍ତି ଯେ, ଏହି ଆଇନ୍‌ର ଧାରା ୧୯(୫) ରେ ସ୍ପଷ୍ଟଭାବେ ଉଲ୍ଲେଖ ଅଛି- "In any appeal proceedings, the onus to prove that a denial of a request was justified shall be on the Central Public Information Officer or State Public Information Officer, as the case may be, who denied the request" ଅର୍ଥାତ୍ ଯେ କୌଣସି ଅପିଲ୍ ଶୁଣାଣି ବେଳେ ପ୍ରମାଣ-ଭାର (onus of proof) ନ୍ୟସ୍ତ ରହିବ ଜଣେ ନାଗରିକଙ୍କୁ ସୂଚନାରୁ ବଞ୍ଚିତ କରିଥିବା ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ଉପରେ, ବଞ୍ଚିତ ହୋଇ ଅଭିଯୋଗ କି ଅପିଲ୍ କରିଥିବା ନାଗରିକଙ୍କ ଉପରେ ନୁହେଁ । ଆଇନ୍‌ର ଏହି ସୁନିର୍ଦ୍ଦିଷ୍ଟ ସ୍ଥିତି ପୁଣି ଧାରା ୨୦(୧)ର ପରନ୍ତୁକରେ ଦୋହରାଯାଇଛି । କିନ୍ତୁ ବିଡମ୍ବନାର ବିଷୟ, ଉଭୟ କମିଶନର୍ ଏକାଧିକ ରାୟରେ ଗଜମୂର୍ଖଙ୍କ ଭଳି ଠିକ୍ ବିପରୀତ କଥା କହିଛନ୍ତି । ଉଦାହରଣ ସ୍ୱରୂପ, ୬ ଜୁଲାଇ ୨୦୦୬ରେ ଶୁଣାଣି ହୋଇଥିବା ଅଭିଯୋଗ ସଂଖ୍ୟା-୨୯/୨୦୦୬ (ଶ୍ରୀ ଆଲ୍‌ବିଶ୍ ମିଞ୍ଜ୍ ବନାମ ସୁନ୍ଦରଗଡ ଜିଲ୍ଲା ସମବାୟ ବ୍ୟାଙ୍କ)ର ରାୟର ଅନୁଚ୍ଛେଦ-୪ରେ ଉଭୟ କମିଶନର୍ କହିଛନ୍ତି ଯେ, "The burden of proof to establish the fact of refusal is on the complainant", ଅର୍ଥାତ୍ ପ୍ରମାଣଭାର ଅଭିଯୋକ୍ତାଙ୍କ ଉପରେ ।

**ଦ୍ୱିତୀୟତଃ,** ସମସ୍ତେ ଜାଣନ୍ତି ଯେ, ସୂ.ଅ.ଆଇନ୍‌ର ଧାରା-୪ ଅଧୀନରେ ଜଣେ ନାଗରିକ ଗୋଟିଏ ଜନକର୍ତ୍ତୃପକ୍ଷଙ୍କ ଦପ୍ତରକୁ ଯାଇ ସଂପୃକ୍ତ ଦପ୍ତର ଦ୍ୱାରା ୧୨ ଅକ୍ଟୋବର ୨୦୦୫ ସୁଦ୍ଧା ପ୍ରକାଶ ପାଇସାରିଥିବା ୧୭ ପ୍ରକାର ସ୍ୱୟଂ-ପ୍ରକଟନୀୟ ସୂଚନାକୁ ନିରୀକ୍ଷଣ (ଇନ୍‌ସ୍ପେକ୍‌ସନ୍ ) ସମେତ ବିଭିନ୍ନ ମାଧ୍ୟମରେ ହାସଲ କରିପାରିବେ (ଦ୍ରଷ୍ଟବ୍ୟ ଧାରା ୪-୪ ଓ ସ୍ପଷ୍ଟୀକରଣ) । ସେହି ବ୍ୟବସ୍ଥାକୁ ଆଖିଆଗରେ ରଖି ଦେବଗଡ ପ୍ରେସର୍ ଗ୍ରୁପ୍‌ର କେତେକ କର୍ମୀ ପାଲହଡାର ବ୍ଲକ୍, ତହସିଲ୍ , ଥାନା, ଓ କେନ୍ଦୁପତ୍ର କାର୍ଯ୍ୟାଳୟକୁ ୭.୨.୦୬ରେ ସୂଚନା ସଂଗ୍ରହ କରିବାକୁ ଯାଇଥିଲେ, କିନ୍ତୁ ସଂପୃକ୍ତ ଅଧିକାରୀମାନେ ସେମାନଙ୍କୁ ଆଇନ୍ ଅନୁଯାୟୀ ସୂଚନା ଦେଇନଥିବାରୁ ସେମାନେ କମିଶନ୍‌ଙ୍କ ନିକଟରେ ଧାରା ୧୮(୧) ଅଧୀନରେ ଅଭିଯୋଗ କରିଥିଲେ । କିନ୍ତୁ ଉଭୟ କମିଶନର୍ ଅଭିଯୋକ୍ତାଙ୍କୁ ନଡକେଇ ନିଜେ ମନମୁଖୀ ଭାବେ ଗୋଟିଏ ତାରିଖ (୨୦ଜୁନ୍ ୨୦୦୬)ରେ ସେହି ସମସ୍ତ ଅଭିଯୋଗଗୁଡ଼ିକୁ (ଯଥା- ୨୦୦୬ର ଅଭିଯୋଗ ସଂଖ୍ୟା-୩, ୪, ୫, ୬ ଓ ୭)ଖାରଜ କରିଥିଲେ, ଏବଂ ଏତାଦୃଶ ଖାରଜ ସପକ୍ଷରେ ସଫେଇ ଦେଇ କହିଥିଲେ ଯେ, ***ଆଇନ୍‌ର ଧାରା ୪ ଅନୁଯାୟୀ କେତେକ ସୂଚନାକୁ ସ୍ୱେଚ୍ଛାକୃତ ଭାବେ ପ୍ରକାଶ କରିବାର ଦାୟିତ୍ୱକୁ ସଂପୃକ୍ତ ଜନକର୍ତ୍ତୃପକ୍ଷ ଉଲ୍ଲଂଘନ କରିଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି; କିନ୍ତୁ ଏ ବ୍ୟାପାରଟିକୁ କେବଳ ରାଜ୍ୟ କମିଶନ୍‌ଙ୍କ ପ୍ରଶାସନିକ ଶାଖା ଧାରା ୨୫(୫) ବଳରେ ତଦାରଖ କରିପାରିବେ; ଏବଂ ସେହି କାରଣରୁ ଅଭିଯୋଗଟି ଧାରା ୧୮ର ପରିସର ଭିତରକୁ ଆସୁନାହିଁ ଏବଂ ତଦନୁସାରେ ଏହାକୁ ଖାରଜ କରାଯାଉଛି ।*** କିନ୍ତୁ ଦୁଇ କମିଶନର୍ ଏପ୍ରକାର ଟିପ୍‌ପଣୀ ଦେଲାବେଳେ ଖୋଦ୍ ଓଡିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ-୨୦୦୬ର ନିୟମ ୨(୨)କୁ ଭୁଲି ଯାଇଛନ୍ତି, ଯେଉଁଥିରେ ସ୍ପଷ୍ଟଭାବେ କୁହାଯାଇଛି ଯେ, **ପ୍ରତି ଜନକର୍ତ୍ତୃପକ୍ଷ ନିଜେ ଏକ ରେଜିଷ୍ଟର ରଖିବେ, ଯେଉଁଥିରେ ଧାରା ୪ ଅଧୀନରେ ସେହି କର୍ତ୍ତୃପକ୍ଷ ଅଗ୍ରୀମ ପ୍ରକାଶ କରିଥିବା ସ୍ୱୟଂ-ପ୍ରକଟନୀୟ ସୂଚନାଗୁଡ଼ିକୁ ସଂଗ୍ରହ ବା ନିରୀକ୍ଷଣ ପାଇଁ ପ୍ରତିଦିନ ଆସୁଥିବା ନାଗରିକମାନଙ୍କ ସମ୍ବନ୍ଧରେ ଟିପ୍‌ପଣୀ ଲିପିବଦ୍ଧ ହୋଇରହିବ** । ଏହି ସଂଶୋଧିତ ନିୟମାବଳୀ ଓଡିଶା ଗେଜେଟ୍‌ରେ ପ୍ରକାଶ ପାଇଥିଲା ୩୦ ମେ'୦୬ରେ, ଅର୍ଥାତ୍ କମିଶନର୍‌ଦ୍ୱୟଙ୍କ ଉପରୋକ୍ତ ଟିପ୍‌ପଣୀ ର ଦୀର୍ଘ ୨୦ଦିନ ପୂର୍ବରୁ । ସୁତରାଂ ଏହା ନିସନ୍ଦେହ ଯେ, ରାଜ୍ୟ କମିଶନ୍ ଜାଣିଶୁଣି କେବଳ ଯେ ଧାରା ୪ ସମ୍ବନ୍ଧରେ ମୂଳ ଆଇନ୍‌କୁ ଉଲ୍ଲଂଘନ କରିଛନ୍ତି, ତାହା ନୁହେଁ, ଓଡିଶା ନିୟମାବଳୀକୁ ମଧ୍ୟ ।

**ତୃତୀୟତଃ,** ଆଇନ୍‌ର ଧାରା ୨(ଇ)ରେ ରାଷ୍ଟ୍ରପତି, ରାଜ୍ୟପାଳ, ବାଚସ୍ପତି ଓ କେନ୍ଦ୍ରାଞ୍ଚଳ ପ୍ରଶାସକ ଇତ୍ୟାଦିଙ୍କ ସହ ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟର ମୁଖ୍ୟ ନ୍ୟାୟାଧୀଶଙ୍କୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ (Competent Authorities) ବୋଲି ସଂଜ୍ଞାୟିତ କରାଯାଇଛି , ଏବଂ ସେମାନଙ୍କ କର୍ତ୍ତୃତ୍ୱାଧୀନରେ ଥିବା ବିଭିନ୍ନ ଅଫିସ୍‌ଅଦାଲତରୁ ଲୋକେ କିପରି ସୂଚନା ପାଇପାରିବେ, ସେଥିପାଇଁ କେଉଁସବୁ ନିୟମାବଳୀ ସେମାନେ ତିଆରି କରିବା ବିଧେୟ, ତାହା ସବିଶେଷଭାବେ ଧାରା ୨୮ରେ ଉଲ୍ଲେଖ ରହିଛି । ଆଇନ୍‌ର ଏହି ନିର୍ଦ୍ଦେଶନାକୁ ପାଳନ କରି ସୁପ୍ରିମ୍ କୋର୍ଟ ଆପଣାଛାଏଁ ନିଜର ଜନସୂଚନା ଅଧିକାରୀ ନିଯୁକ୍ତ କରି ଲୋକଙ୍କୁ ସୂଚନା ଦେବା କାର୍ଯ୍ୟ ବହୁଆଗରୁ ଆରମ୍ଭ କରିସାରିଲେଣି । କେବଳ ସେତିକି ନୁହେଁ, ଜଣେ ନାଗରିକ ସୁପ୍ରିମ୍ କୋର୍ଟର ମୁଖ୍ୟ ନ୍ୟାୟାଧୀଶଙ୍କ ପାଖକୁ ଏକ କେଶ୍ ସମ୍ବନ୍ଧରେ ସୂଚନା ପାଇଁ ପଠାଇଥିବା ଆବେଦନ ଉପରେ କାହିଁକି ନିର୍ଦ୍ଧାରିତ ସମୟସୀମା ଭିତରେ ସନ୍ତୋଷଜନକ ଉତ୍ତର ପାଇଲେ ନାହିଁ, ସେ ବିଷୟରେ ସେ କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ, ଏବଂ କମିଶନ୍ ୧୨ ଡିସେମ୍ବର'୦୫ରେ ସୁପ୍ରିମ୍ କୋର୍ଟର ରେଜଷ୍ଟ୍ରାର୍‌ଙ୍କୁ ଡକାଇ ଆବେଦକଙ୍କ ଉପସ୍ଥିତିରେ ଅପିଲ୍‌ଟିର ଶୁଣାଣି କରି ଆବେଦିତ ସୂଚନାକୁ ଯଥାଶୀଘ୍ର ସଂପୃକ୍ତ ନାଗରିକଙ୍କୁ ଦେଇଦେବାକୁ ନିର୍ଦ୍ଦେଶ ଦେଇଥିଲେ (ଦ୍ରଷ୍ଟବ୍ୟ- ଅପିଲ୍ ସଂଖ୍ୟା CIC/A/3/2006) । କିନ୍ତୁ ଅବାକ୍ ହେବାକୁ ପଡ଼େ, ଏହିଭଳି ଏକ ବ୍ୟାପାରରେ

ଓଡିଶା ସୂଚନା କମିଶନ୍‌ଙ୍କ ଅତର୍କ୍କା ମତିଗତି ଦେଖି । ଦାମନଯୋଡିର ଶ୍ରୀ ରବିରମେଶ ମହାନ୍ତି ଏକ ନିର୍ଦ୍ଦିଷ୍ଟ କେଶ୍ କେବେସୁଦ୍ଧା ଫଇସଲା ହେବ, ସେ ବିଷୟରେ ଜିଜ୍ଞାସା କରି ଓଡିଶା ହାଇକୋର୍ଟଙ୍କ ଠାରୁ ସୂଚନା ଅଧିକାର ଆଇନ୍ ଅନୁସାରେ ତଥ୍ୟ ମାଗିଥିଲେ । କିନ୍ତୁ ସେ କୌଣସି ଉତ୍ତର ନପାଇବାରୁ ନ୍ୟାୟ ଅଶାରେ ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟରେ ଅଭିଯୋଗ କରିଥିଲେ । ରାଜ୍ୟର ଦୁଇ କମିଶନର୍ କୌଣସି ପକ୍ଷଙ୍କୁ ନଡକାଇ ନିଜ ଭିତରେ ସଲାସୁତୁରା କରି ଗତ ୭ ଜୁନ୍'୦୬ରେ ଏକ ଦୁଇଧାଡିଆ ମନ୍ତବ୍ୟ ଲେଖି ଅଭିଯୋଗଟିକୁ ଖାରଜ କରି ଦେଇଛନ୍ତି । ସେହି ମନ୍ତବ୍ୟଟି ହେଲା, **"ଅଭିଯୋକ୍ତା ଚାହିଁଥିବା ସୁଚନାଟି ରାଜ୍ୟ କମିଶନଙ୍କ କ୍ଷମତା ପରିସରର ଉର୍ଦ୍ଧ୍ୱରେ । ତେଣୁ ଯଥାର୍ଥ କ୍ଷେତ୍ରାଧିକାର ନଥିବା ଯୋଗୁଁ ଅଭିଯୋଗଟିକୁ ଗ୍ରହଣ କରାଗଲା ନାହିଁ ଏବଂ ସେଥିପାଇଁ ଖାରଜ କରାଯାଉଛି " (ଦ୍ରଷ୍ଟବ୍ୟ- ଅଭିଯୋଗ ସଂଖ୍ୟା ୮/୨୦୦୬) ।** ଓଡିଶାର ଲୋକଙ୍କୁ ଭକୁଆ ମନେ କରୁ ନଥିଲେ ଏହି ଦୁଇ କମିଶନର୍ କ'ଣ ଏମିତି ଏକ ପ୍ରବଚନ ଦେଇପାରିଥାନ୍ତେ ?

**ଚତୁର୍ଥତଃ,** ମୟୁରଭଞ୍ଜ ଜିଲ୍ଲାର ଜଣେ ବି.ପି.ଏଲ୍. ବ୍ୟକ୍ତି ଶ୍ରୀ ରବୀନ୍ଦ୍ର ନାଥ ଦାସଙ୍କ ୨ଟି ଅଭିଯୋଗ (୨୦୦୬ର ଅଭିଯୋଗ ସଂଖ୍ୟା ୧୧ ଓ ୨୨)କୁ ଗତ ୧୧ ଜୁଲାଇ ୨୦୦୬ରେ ଶୁଣାଣି କରି କମିଶନରଦ୍ୱୟ ତାଙ୍କଠାରୁ କେବଳ ଦରଖାସ୍ତ ଫି ଛଡା ଅନ୍ୟାନ୍ୟ ଫିସ୍ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନେ ତାଙ୍କ ରାୟର ୩ୟ ଅନୁଚ୍ଛେଦରେ ଦର୍ଶାଇଛନ୍ତି ଯେ, "ଅଭିଯୋକ୍ତାଙ୍କର ଏକ ଭ୍ରାନ୍ତ ଧାରଣା ଅଛି ଯେ, ବି.ପି.ଏଲ୍. ବ୍ୟକ୍ତିଙ୍କୁ କୌଣସି ଫି ଦେବାକୁ ପଡିବନି; କିନ୍ତୁ ଆଇନ୍ ସୁସ୍ପଷ୍ଟ ଭାଷାରେ କହିଛି ଯେ, ସେ କେବଳ ଦରଖାସ୍ତ ଫି ଦେବେନି" । କିନ୍ତୁ ଆଇନ୍‌ର ସେହି 'ସୁସ୍ପଷ୍ଟ ଭାଷା'କୁ ଉଦ୍ଧାର ନକରି ଉପରଠାଉରିଆ ଢଙ୍ଗରେ କମିଶନରଦ୍ୱୟ ଏଭଳି ମନ୍ତବ୍ୟ ଦେଲେ କାହିଁକି ? ମନେ ହୁଏ, ସେମାନେ ଆଇନ୍‌ର ଧାରା ୭(୫) ପଢିନାହାନ୍ତି, ଯେଉଁଠି ବି.ପି.ଏଲ୍. ବ୍ୟକ୍ତିମାନଙ୍କୁ ୩ ପ୍ରକାର ଫିସ୍, ଯଥା- ଦରଖାସ୍ତ ଫିସ୍ (ଧାରା ୬-୧), ସୂଚନାପ୍ରାପ୍ତି ଫିସ୍ (ଧାରା ୭-୧) ଓ ଇଲେକ୍ଟ୍ରନିକ ମାଧ୍ୟମ ଫିସ୍ (ଧାରା ୭-୫)ରୁ ଛାଡ କରାଯାଇଛି । କେବଳ ସେତିକି ନୁହେଁ, ଏହି କମିଶନର୍ ଦୁଇଜଣ ନିଜ ୱେବ୍‌ସାଇଟ୍‌ରେ ତଥା ରାଜ୍ୟସରକାରଙ୍କ ୱେବ୍‌ସାଇଟ୍‌ରେ ସ୍ଥାନିତ ହୋଇଥିବା 'ପୁନଃପୁନଃ ପ୍ରଶ୍ନ ' (FAQ)ର ବିନ୍ଦୁ ୧୫ରେ ଫିସ୍ ସମ୍ବନ୍ଧରେ ଯାହା ବ୍ୟାଖ୍ୟା ଦିଆଯାଇଛି, ତାକୁ ଥରକପାଇଁ ସୁଦ୍ଧା ଦେଖିଛନ୍ତି କି ? ସେଥିରେ ବିଭିନ୍ନ ପ୍ରକାର ଫିସ୍‌ର ଅବତାରଣା କଲାପରେ ଉପବିନ୍ଦୁ ୪ରେ କୁହାଯାଇଛି ଯେ, "No fees will be charged from people living below the poverty line", **ଅର୍ଥାତ୍ ବି.ପି.ଏଲ୍. ବ୍ୟକ୍ତିମାନଙ୍କ ପାଇଁ କୌଣସି ପ୍ରକାର ଫିସ୍ ଲାଗୁ ହେବନାହିଁ ।** ସାରାଭାରତରେ ଉଭୟ କେନ୍ଦ୍ର ଓ ଅନ୍ୟାନ୍ୟ ରାଜ୍ୟମାନେ ଏହି ଧାରଣା ଦ୍ୱାରା ପରିଚାଳିତ । ସୁତରାଂ ବର୍ତ୍ତମାନ କାହା ମୁଣ୍ଡରେ 'ଭ୍ରାନ୍ତ ଧାରଣା' କାମ କରୁଛି ? ମୟୁରଭଞ୍ଜର ସେହି ସାଧାରଣ ବି.ପି.ଏଲ୍. ବ୍ୟକ୍ତି ନା ସୂ.ଅ.ଆଇନ୍‌ର ରକ୍ଷକ ସାଜିଥିବା ଏହି ଦୁଇ ରାଜ୍ୟ କମିଶନର୍ ?

**ପଞ୍ଚମତଃ ଏବଂ ସର୍ବୋପରି,,** ରାଜ୍ୟର ଏହି ଦୁଇଜଣ ସୂଚନା କମିଶନର୍ ନିଜେ କୌଣସି ଅଭିଯୋଗ କି ଅପିଲ୍‌ର ଫଇସଲା କଲାବେଳେ ଖୋଦ୍ ଓଡିଶା ସରକାର ବନେଇଥିବା ଏବଂ ରାଜ୍ୟ ଗେଜେଟ୍‌ରେ ୬ମାର୍ଚ୍ଚ'୦୬ରେ ଘୋଷିତ ହୋଇଥିବା ଓଡିଶା ସୂଚନା କମିଶନ୍ (ଅପିଲ୍ ପ୍ରକ୍ରିୟା) ନିୟମାବଳୀ'୦୬କୁ ନଗ୍ନଭାବେ ଉଲ୍ଲଂଘନ କରିଚାଲିଛନ୍ତି । ଏହାର ନିୟମ ୬ର ପରନ୍ତୁକରେ ସ୍ପଷ୍ଟଭାବେ କୁହାଯାଇଛି ଯେ, **"ଅଭିଯୋକ୍ତାଙ୍କୁ ତାଙ୍କ ବକ୍ତବ୍ୟ ପେଶ୍ କରିବାପାଇଁ ଯଥୋଚିତ ସୁଯୋଗ ନଦେଇ କମିଶନ୍ କୌଣସି ଅଭିଯୋଗକୁ ଖାରଜ କରିପାରିବେ ନାହିଁ ।"** କିନ୍ତୁ ଆମେ ଉପରେ ସୂଚିତ ଦେବଗଡ ଓ ଦାମନଯୋଡିର ଅଭିଯୋକ୍ତାମାନଙ୍କ କ୍ଷେତ୍ରରେ ଦେଖିଲେ ଯେ, କମିଶନ୍ ଅଭିଯୋକ୍ତା କି ଅନ୍ୟ କୌଣସି ପକ୍ଷଙ୍କୁ ନଡାକି ନିଜେ 'ବ୍ରହ୍ମା ବିଳିବିଳେଇଲେ ବେଦ' ନ୍ୟାୟରେ ମନମୁଖି ନିଷ୍ପତ୍ତି ନେଇଛନ୍ତି ଓ ଏପରିକି ସଂପୃକ୍ତ ପକ୍ଷମାନଙ୍କୁ ଏବେସୁଦ୍ଧା ସେହି ଫଇସଲା ବିଷୟରେ ଜଣାଇନାହାନ୍ତି । ଏପରି ଆଚରଣ ଦ୍ୱାରା ସେମାନେ କେବଳ ଓଡିଶା ନିୟମାବଳୀ ନୁହେଁ, ନ୍ୟାୟଶାସ୍ତ୍ରର ସାର୍ବଜନୀନ ଓ ସୁପ୍ରାଚୀନ ନୀତି – ନୈସର୍ଗିକ ନ୍ୟାୟ ବା Natural justice- କୁ ଧର୍ଷଣ କରିଛନ୍ତି ।

**ଧଳାହାତୀଙ୍କୁ ବିଦା କରିବାର କ୍ଷମତା ଲୋକଙ୍କ ହାତରେ**

ରାଜକୋଷରୁ ବିପୁଳ ଅର୍ଥବ୍ୟୟରେ ପରିପାଳିତ ହେଉଥିବା ବର୍ତ୍ତମାନର ଦୁଇଜଣ ରାଜ୍ୟ ସୂଚନା କମିଶନ୍‌ର ନିଜର ଅଜ୍ଞତା, ଅପାରଗତା ଓ କାପୁରୁଷତାକୁ ଘୋଡାଇବାକୁ ଯାଇ ସୂଚନା କମିଶନ୍ ଭଳି ଏକ ମହାନ୍ ସର୍ବସାଧାରଣ ମଞ୍ଚକୁ ନିଜର ଓ ନିଜ ପରିବାରର ପ୍ରଶସ୍ତି ପ୍ରସାରଣ ସେବାରେ ପରିଣତ କରିସାରିଲେଣି ଓ ସାଧାରଣ ଲୋକେ ସେମାନଙ୍କ ଠାରୁ ବାରମ୍ବାର ଠୋକର ଖାଇ ଆସ୍ତେଆସ୍ତେ ସୂଚନା ଅଧିକାର ଆଇନ୍‌ଠାରୁ ବିମୁଖ ହେବାକୁ ବସିଲେଣି । ସେମାନଙ୍କୁ ଚୟନ କରିଥିବା ମୁଖ୍ୟମନ୍ତ୍ରୀ ଓ ବିରୋଧିଦଳ ନେତା ଏ ବିଷୟରେ ମୁଣ୍ଡ ଖେଳାଉଛନ୍ତି କି ନାହିଁ, ତାହା ଜାଣିବା ମୁସ୍କିଲ୍ । ସୁତରାଂ ପ୍ରଶ୍ନ ଉଠୁଛି, ଏମାନଙ୍କ ବଦ୍‌ମାସିକୁ ରୋକିବା ପାଇଁ ଲୋକଙ୍କ ହାତରେ କ'ଣ କିଛି କ୍ଷମତା ନାହିଁ ? ଏ ଲେଖକ ମତରେ, ହଁ ଅଛି । **ଆଇନ୍‌ର ଧାରା ୧୭(୧) ଅନୁଯାୟୀ ଲୋକେ ଯଦି 'ଅପାରଗତା' କାରଣ ଦର୍ଶେଇ ସେମାନଙ୍କ ବିରୁଦ୍ଧରେ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ଆଣନ୍ତି, ତେବେ ରାଜ୍ୟପାଳ ସୁପ୍ରିମ୍ କୋର୍ଟଙ୍କୁ କହି ଏ ବିଷୟରେ ଏକ ଅନୁସନ୍ଧାନ କରିପାରନ୍ତି, ଏବଂ ଯଦି ସେମାନଙ୍କ 'ଅପାରଗପଣିଆ' ପ୍ରମାଣିତ ହୁଏ, ତେବେ ଯେଉଁ ରାଜ୍ୟପାଳ ସେମାନଙ୍କୁ ଶପଥପାଠ କରାଇଥିଲେ, ସେଇ ହିଁ ସେମାନଙ୍କୁ ଅବିଳମ୍ବେ ବହିଷ୍କାର କରିବେ, ଏଥିରେ ସନ୍ଦେହ ନାହିଁ ।**

**Chitta Behera, 4A Jubilee Tower, Choudhury Bazar, Cuttack-9, Mobiles: 9861091455/9437577546, Email: chittabehera1@yahoo.co.in , dated 2 November 2006**